রেভিনিউ মিস কেস নং- ৫/২০২৬

# ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି

ସଂଖ୍ୟା ୧୫୭୭ ତା. ୩୦.୦୫.୨୦୨୬

## ଘୋଷଣା

ଏତତଦ୍ୱାରା ମୌଜା **ସାଲେପରା**, ଥାନା- **ତୁରେକେଲା** ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ନିମ୍ନ ତଫସିଲ ଜମି ଉପରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ତରଫରୁ ଏକ **ସରକାରୀ ନୂଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାଲେପରା** ନିର୍ମାଣ ହୋଇଅଛି ଯାହାର ବନ୍ଦୋବସ୍ତ କରିବା ସକାଶେ **Block Education Officer, Turekela** ଏକ ଦରଖାସ୍ତ ଏହି କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । କିନ୍ତୁ ଏହା ଦେଖା ଗଲାଯେ, ଉକ୍ତ ପ୍ଲଟର ମନ୍ତବ୍ୟ ଖାନାରେ ବେଆଇନ ଦଖଲ ପ୍ଲଟ ନଂ ୧୮୮ ରେ ମକରମ ଗଣ୍ଡା, ପିତା- ଅନାମ ଗଣ୍ଡା ଦରଜ ହୋଇ ଅଛି ଏଣୁ ଉକ୍ତ ନାମକୁ ମନ୍ତବ୍ୟ ଖାନାରୁ କରତନ କରାଯିବ । ଏଥିରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତାହା ହେଲେ ଓଡିଶା ସରକାରଙ୍କ ନୋଟିଫିକେସନ ନଂ RDM-LRGEA-STATUT-0001-2022-5730 /R&DM Dated- 13.02.2023 ଅନୁଯାୟୀ ଏହି ନୋଟିସ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କାଗଜଆଦି କୋର୍ଟ ଫିଜ ଲଗାଇ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ଗ୍ରହଣ ଯୋଗ୍ୟ ନୁହେଁ ।

## ତଫସିଲ

ମୌଜା: ସାଲେପରା

ଥାନା : ତୁରେକେଲା

ଥାନା ନମ୍ବର: ୩୮

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା | ଚିହ୍ନ | ମାର୍କ ରକବା |
|---|---|---|---|---|---|
| ୬୨ | ୧୮୮ | ଗୋଚର | ଏ ୨.୦୯ ଡି | "A" | ଏ ୧.୦୦ ଡି |
| | | | | | ମୋଟ ଏ ୧.୦୦ ଡି |

ତହସିଲଦାର, କଣ୍ଟାବାଞ୍ଜି

**ଜ୍ଞାପକ ସଂଖ୍ୟା** ୧୫୭୮ / ତା. ୩୦.୦୫.୨୦୨୬

୧. ଏହାର ଏକକିତା ନକଲ ଜିଲ୍ଲା ୱେବ ସାଇଟ ରେ ପ୍ରକାଶନ ପାଇଁ DISTRICT INFORMATION OFFICER, NIC, BALANGIR ଙ୍କୁ ପ୍ରେରଣ କରାଗଲା ।

୨. ଏହାର ଏକକିତା ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟ ଖଗସା ଙ୍କ ଅବଗତି ଓ ବିହିତ କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

୩. ଏହାର ୩ (ତିନି) କିତା ରାଜସ୍ୱ ନିରୀକ୍ଷକ, ହିଆଲ ଙ୍କ ଅବଗତି ଓ ବିହିତ କାର୍ଯ୍ୟସକାଶେ ପ୍ରେରଣ କରାଗଲା ଓ ଆଦେଶ କରାଗଲା ଯେ ଏହାର ଏକକିତା ସମ୍ପୃକ୍ତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ସକାଶେ ଗ୍ରାମର ମଧ୍ୟସ୍ଥଳରେ ଛାଟିବେ । ପୁନଶ୍ଚ ତାଙ୍କୁ ଆଦେଶ କରାଗଲା ଯେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଡାକବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବେ। ଅନ୍ୟ ଏକ କିତାରେ ସମ୍ପୃକ୍ତ ଗ୍ରାମବାସୀଙ୍କ ପ୍ରତି ସ୍ୱାକ୍ଷର ଆଣି ଅତ୍ର କାର୍ଯ୍ୟାଳୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରସ୍ତ କରିବେ ।

୪. ଏହାର ଏକକିତା ନକଲ Block Education Officer, Turekela ଙ୍କୁ ପ୍ରେରଣ କରାଗଲା ।

୫. ଏହାର ଏକକିତା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, କଣ୍ଟାବାଞ୍ଜି